## ଯାଜପୁର ଜିଲ୍ଲାରେ ନୂତନ ଭେଷଜ ମହାବିଦ୍ୟାଳୟ ନିର୍ମାଣ ନିମନ୍ତେ ତା.୦୯.୦୬.୨୦୨୩ ଦିବା୧୦:୦୦ ଘଟିକା ସମୟରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ମୂଲ୍ୟାଙ୍କନ ବିବରଣୀ

ଯାଜପୁର ଜିଲ୍ଲାରେ ନୂତନ ଭେଷଜ ମହାବିଦ୍ୟାଳୟ ପ୍ରକଳ୍ପ ନିର୍ମାଣ ନିମନ୍ତେ ଯାଜପୁର ତହସିଲ ଅଧିନସ୍ଥ ୧ ଗୋଟି ମୌଜା ଆଙ୍କୁଲାର ମୋଟ ଏ୦.୧୭୧୬ଡି ଜମି ଅଧିଗ୍ରହଣ ହେବାକୁ ଥିବା ସାମାଜିକ ପ୍ରଭାବ ଆକଳନର ଅଧ୍ୟୟନର ମୂଲ୍ୟାଙ୍କନ ପାଇଁ ୭(୧) ଧାରା ଅନୁଯାୟୀ ସରକାରଙ୍କ ନିକଟକୁ ଏକ ସୁପାରିଶ ପତ୍ର ପ୍ରଦାନ କରାଯିବା ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ଯାଜପୁରଙ୍କ ଅଧ୍ଯକ୍ଷତାରେ ବିଶେଷଜ୍ଞ କମିଟି ସଦସ୍ୟ ମାନେ ତା.୦୯.୦୬.୨୦୨୩ ରିଖ ଦିବା ୧୦:୦୦ ଘଟିକା ସମୟରେ ଏକ ଆଲୋଚନା ସଭା ଅତିରିକ୍ତ ଜିଲ୍ଲାପାଳଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିଲା। ସମ୍ପ୍ରତି ଓଡିଶାର ସ୍ୱାସ୍ଥ୍ୟ ଭିତ୍ତିଭୂମି ବିକାଶ ସ୍ୱରୂପ ଯାଜପୁର ଜିଲ୍ଲାରେ ଉପରୋକ୍ତ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଅଛି। ଏଥିନିମନ୍ତେ ଜିଲ୍ଲାରେ ଆବଶ୍ୟକ ହେବାକୁ ଥିବା ଭୂମି-ଅଧିଗ୍ରହଣ ଓ ଉଚିତ ପ୍ରାପ୍ୟ ପ୍ରଦାନ ଓ ସ୍ୱଚ୍ଛତା ଅବଲମ୍ବନ ନିମନ୍ତେ ପ୍ରଚଳିତ ହୋଇଥିବା ଆଇନ,୨୦୧୩ ଏବଂ ଓଡିଶା ସରକାରଙ୍କ ଅଧିନିୟମ ନିୟମାବଳୀ ୨୦୧୬ ଧାରା ୧୫ ଅନୁଯାୟୀ ମୋଟ ୧ ଗୋଟି ଗ୍ରାମ ପ୍ରଭାବିତ ହେଉଥିବାରୁ ଏହାର ସାମାଜିକ, ଅର୍ଥନୈତିକ ଏବଂ ବୈଷୟିକ ଦିଗ ପ୍ରତି ଦୃଷ୍ଟିଦେଇ ବିଶେଷ ବିବରଣୀ ପ୍ରସ୍ତୁତ କରାଯାଇ ଆଲୋଚନା କ୍ରମେ ସାମାଜିକ ତଥା ଅର୍ଥନୈତିକ ନିଷ୍କାର୍ସ ଉପସ୍ଥାପନ ହୋଇଥିଲା ।

ସର୍ବପ୍ରଥମେ ଅଂଶଗ୍ରହଣ କରିଥିବା ସଦସ୍ୟମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ),ଯାଜପୁର ସ୍ୱାଗତ କରିଥିଲେ। ପ୍ରସ୍ତାବିତ ପ୍ରକଳ୍ପ ସମ୍ପର୍କିତ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଉପରେ ଆଲୋଚନା କରିବା ସହିତ ଉପସ୍ଥିତ ଥିବା ସଦସ୍ୟ ଉକ୍ତ ପ୍ରକଳ୍ପ ନିର୍ମାଣର ଉପଯୋଗିତାକୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ଅନୁରୋଧ କରିଥିଲେ । ଉପସ୍ଥିତ ଅନ୍ୟ ସଦସ୍ୟମାନେ ଉକ୍ତ ପ୍ରକଳ୍ପ ସ୍ୱାସ୍ଥ୍ୟ କ୍ଷେତ୍ରରେ ଯାଜପୁର ତଥା ଏହାର ଆଖପାଖ ଅଞ୍ଚଳରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ସଙ୍ଗେସଙ୍ଗେ ଏହି ଅଞ୍ଚଳର ଅଧିବାସୀ ମାନଙ୍କ ନିମନ୍ତେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା । ଏହି ଅଞ୍ଚଳରେ ଶିକ୍ଷାର ମାନଦଣ୍ଡ ବୃଦ୍ଧି ପାଇବ । ଉପସ୍ଥିତ ସର୍ବେକ୍ଷଣ ସଂସ୍ଥାର ପ୍ରତିନିଧି ଏହି ପ୍ରକଳ୍ପ ପ୍ରତିଷ୍ଠା ଦ୍ୱାରା, ସାମାଜିକ ବିପରୀତ ପ୍ରଭାବ ପ୍ରତିଫଳନ ହେଉନଥିବା ପ୍ରକାଶ କରିଥିଲେ ।

ନୂତନ ଭେଷଜ ମହାବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ସମାଜର ସାମୁହିକ ସ୍ୱାସ୍ଥ୍ୟ ଓ ଅର୍ଥନୈତିକ ଉନ୍ନତି ହେବ ଏବଂ ପ୍ରକଳ୍ପ କାର୍ଯ୍ୟକାରି ହେବା ନିମନ୍ତେ ସହମତି ପ୍ରକାଶ କଲେ ।

ସର୍ବଶେଷରେ ଆବାହକ ତଥା ଉପ-ଜିଲ୍ଲାପାଳ, ଯାଜପୁର ଉପସ୍ଥିତ ଥିବା ସଦସ୍ୟ/ପ୍ରତିନିଧି ମାନଙ୍କୁ ଧନ୍ୟବାଦ ଦେବା ସହିତ ସଭାସଙ୍ଗ କରଯାଇଥିଲା ।

ହିଷ୍ୟମ୍ଭୋଟ୍ନ
୦୯.୦୬.୨୦୨୩

ଅତିରିକ୍ତ ଜିଲ୍ଲାପାଳ-ତଥା- ଅଧ୍ୟକ୍ଷ
ବିଶେଷଜ୍ଞ କମିଟି, ଯାଜପୁର

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର

## (ଭୂ-ଅର୍ଜନ (ସିଭିଲ) ଉପ-ବିଭାଗ)

## ବିଜ୍ଞାପନ

ସଂଖ୍ୟା ୬୩୮୨ ତା. ୧୭-୦୬-୨୦୨୩

ଭୂ-ଅର୍ଜନ ପୁର୍ନବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ-୨୦୧୩ ଧାରା ୭ ର ଉପଧାରା ୧ ମୁତାବକ *" ନୂତନ ଭେଷଜ ମହାବିଦ୍ୟାଳୟ ପ୍ରକଳ୍ପ ନିର୍ମାଣ ନିମନ୍ତେ"*, ଯାଜପୁର ଜିଲ୍ଲା ପାଇଁ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ବିବରଣୀ ମୂଲ୍ୟାଙ୍କନ ନିମିତ ଗଠିତ ସ୍ୱତନ୍ତ୍ର ବହୁ ଶୃଙ୍ଖଳୀୟ ବିଶେଷଜ୍ଞ ଗୋଷ୍ଠୀର ତା. ୦୯.୦୬.୨୦୨୩ ରିଖ ପୂର୍ବାହ୍ନ ୧୦.୦୦ ଘଟିକା ସମୟରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ), ଯାଜପୁରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକ ବିବରଣୀ ଓ ସୁପାରିସ ସମ୍ପର୍କୀୟ ବିଜ୍ଞାପନ ଓଡିଶା ଭୂ-ଅର୍ଜନ ପୁର୍ନବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ନିୟମ, ୨୦୧୬ ର ଧାରା ୧୬ ମୁତାବକ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏଥି ସହିତ ସଲଗ୍ନ କରାଯାଇ ପ୍ରକାଶ କରାଗଲା । ଏହି ବିଜ୍ଞପ୍ତି ଓଡିଶା ରାଜ୍ୟ ସରକାର ଏବଂ ଯାଜପୁର ଜିଲ୍ଲାପାଳଙ୍କ ୱେବ୍ ସାଇଟ୍‌ରେ ଉପଲବ୍ଧ ହେବ ।

ବିଶ୍ୱଲୋଚନ ୦୮.୦୬.୨୦୨୩

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)-ତଥା-ଅଧ୍ୟକ୍ଷ
ବିଶେଷଜ୍ଞ ଗୋଷ୍ଠୀ- ଯାଜପୁର

ଜ୍ଞାପକ ସଂଖ୍ୟା. ୬୩୮୩ ତା. ୧୭-୦୬-୨୦୨୩

ଏହାର ଏକକିତା ନକଲ ବିଶେଷଜ୍ଞ ଗୋଷ୍ଠୀର ସମସ୍ତ ସଦସ୍ୟଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ବିଶ୍ୱଲୋଚନ ୦୮.୦୬.୨୦୨୩

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)-ତଥା-ଅଧ୍ୟକ୍ଷ
ବିଶେଷଜ୍ଞ ଗୋଷ୍ଠୀ- ଯାଜପୁର

ଜ୍ଞାପକ ସଂଖ୍ୟା. ୬୩୮୪ ତା. ୧୭-୦୬-୨୦୨୩

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ, ଯାଜପୁର/ ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ, ଯାଜପୁର/ ଭୂ-ଅର୍ଜନ ଅଧିକାରୀ(ସିଭିଲ), ଯାଜପୁର/ ତହସିଲଦାର, ଯାଜପୁର / ମଣ୍ଡଳ ଉନ୍ନୟନ ଅଧିକାରୀ, ଯାଜପୁର / ସରପଂଚ ପଣସା ପଂଚାୟତଙ୍କ ଅବଗତି ଓ ବିହୀତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ଭୂ-ଅର୍ଜନ ଅଧିକାରୀ(ସିଭିଲ), ଯାଜପୁରଙ୍କୁ ବିଜ୍ଞାପନର ନକଲ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ ଉକ୍ତ ବିଜ୍ଞାପନର ଗୋଟିଏ ନକଲ ଆକ୍ରାନ୍ତ ମୌଜାର ଅନ୍ତତଃ ଦୁଇଜଣ ଗ୍ରାମବାସୀଙ୍କ ସାକ୍ଷର ନେଇ ସାର୍ବଜନୀନ ସ୍ଥଳୀରେ ପ୍ରକାଶନ କରିବେ ଏବଂ ଜିଲ୍ଲାପାଳ, ଯାଜପୁରଙ୍କ ୱେବ୍‌ସାଇଟ୍‌ରେ ଉପଲବ୍ଧ କରାଇବାପାଇଁ ନିର୍ଦ୍ଦେଶ ଦିଆଗଲା ।

ବିଶ୍ୱଲୋଚନ ୦୮.୦୬.୨୦୨୩

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)-ତଥା-ଅଧ୍ୟକ୍ଷ
ବିଶେଷଜ୍ଞ ଗୋଷ୍ଠୀ- ଯାଜପୁର

ଜ୍ଞାପକ ସଂଖ୍ୟା. ୬୩୮୫ ତା. ୧୭-୦୬-୨୦୨୩

ଏହାର ଏକକିତା ନକଲ ଯୁଗ୍ମ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡିଶା/ ଯୁଗ୍ମ ଶାସନ ସଚିବ, ସ୍ୱାସ୍ଥ୍ୟ ବିଭାଗ, ଓଡିଶା / ଯୁଗ୍ମ ଶାସନ ସଚିବ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟ କଟକ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଓଡିଶା ସରକାରଙ୍କ ୱେବ୍‌ସାଇଟରେ ପ୍ରକାଶନ କରିବାପାଇଁ ଅନୁରୋଧ କରାଗଲା ।

ବିଶ୍ୱଲୋଚନ ୦୮.୦୬.୨୦୨୩

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)-ତଥା-ଅଧ୍ୟକ୍ଷ
ବିଶେଷଜ୍ଞ ଗୋଷ୍ଠୀ- ଯାଜପୁର

ଜ୍ଞାପକ ସଂଖ୍ୟା. ୫୩୮୫ ତା. ୧୭-୦୫-୨୦୨୩

ଏହାର ଏକକିତା ନକଲ ଜିଲ୍ଲାପାଳଙ୍କ ନୋଟିସ୍ ବୋର୍ଡ / ଜିଲ୍ଲା ସୂଚନା ଓ ବିଜ୍ଞାନ ଅଧିକାରୀ, ଯାଜପୁରକୁ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ ଉକ୍ତ ବିଜ୍ଞାପନ ଜିଲ୍ଲାପାଳ, ଯାଜପୁର ୱେବ୍‌ସାଇଟ୍‌ରେ ତୁରନ୍ତ ପ୍ରକାଶନ କରିବେ ।

02.05.2023

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)-ତଥା-ଅଧ୍ୟକ୍ଷ
ବିଶେଷଜ୍ଞ ଗୋଷ୍ଠୀ- ଯାଜପୁର